# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୪୮/୨୫

## ଜିଲ୍ଲା-ଯାଜପୁର

ତା.୧୭.୦୬.୨୦୨୫

**ପାଣିପାଗ ପୂର୍ବାନୁମାନ (ତା. ୨୨.୦୬.୨୦୨୫ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକା ରୁ ଭାରି ବର୍ଷା ହେବାର ସମ୍ଭାବନା ଅଛି** ।ପବନର ବେଗ ୧୦-୧୪ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୩°C ଏବଂ ୨୪-୨୬° C ରହିବାର ସମ୍ଭାବନା ରହିଛି।

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 18-06-2025 | 50 | 31 | 24 | 7 | 89 | 71 | 14 | 247 |
| | 19-06-2025 | 85 | 31 | 24 | 8 | 91 | 76 | 12 | 244 |
| | 20-06-2025 | 15 | 33 | 25 | 7 | 83 | 63 | 13 | 250 |
| | 21-06-2025 | 10 | 33 | 25 | 6 | 82 | 56 | 10 | 251 |
| | 22-06-2025 | 8 | 33 | 25 | 6 | 76 | 56 | 11 | 274 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ,ଆସନ୍ତା ୫ ଦିନ ହାଲୁକା ରୁ ଭାରି ବର୍ଷା ହେବାର ସମ୍ଭାବନା ଅଛି ,ଚାଷୀମାନେ ଧାନ ନର୍ସରୀ କିମ୍ବା ପନିପରିବା ବଗିଚାରୁ ଅତିରିକ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ।<br>➢ ଚାଷୀମାନଙ୍କୁ ଜଳସେଚନ ସମୟରେ କିମ୍ବା କୌଣସି ପ୍ରକାର ସିଞ୍ଚନ କାର୍ଯ୍ୟ ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ।<br>➢ ବର୍ଷାଜଳର ଉତ୍ତମ ବିନିଯୋଗ ପାଇଁ ଠିକ୍ ସମୟରେ ପନିପରିବା ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର।<br>➢ ପାଣି ଜମି ରହିଥିଲେ ମଞ୍ଜି ବୁଣନ୍ତୁ ନାହିଁ।<br>➢ ଧାନ ଚାଷ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ-ଯଥା-<br>ମଝିଆଳି ଜମି ପାଇଁ -ଶାଳନ୍ଦୀ ,କଳିଙ୍ଗ ଧାନ -୧୩୦୧ ,ପ୍ରତୀକ୍ଷା<br>ଖାଲ ମଝିଆଳି ଜମି ପାଇଁ -ସ୍ୱର୍ଣ୍ଣ ,ରାଣୀଧାନ , କଳିଙ୍ଗ ଧାନ -୧୪୦୧ ,MTU -୧୧୪୦<br>ଖାଲ ଜମି ପାଇଁ - କଳିଙ୍ଗ ଧାନ -୧୦୫୧ , କଳିଙ୍ଗ ଧାନ -୧୦୫୨ ,କଳାଚମ୍ପା, CR-୧୦୦୯<br>ବନ୍ୟା ଅଞ୍ଚଳ ପାଇଁ –ସ୍ୱର୍ଣ୍ଣ ସବ ୧ ,CR-୧୦୦୯ ସବ ୧ | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଜମି ପ୍ରସ୍ତୁତି** | ➢ ଧାନ ନର୍ସରୀ ରୁ ଅତିରିକ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।<br>➢ ଖରିଫ ଧାନ ପାଇଁ ଭଲ ଭାବରେ ତଳି ପଟାଳି ପ୍ରସ୍ତୁତ କରି ୧ କେଜି ବିହନ ପ୍ରତି କାରବେଣ୍ଡାଜିମ (୨ ଗ୍ରାମ) ଓ ପ୍ଲାଣ୍ଟୋମାଇସୀନ (୧ ଗ୍ରାମ ) ବିଶୋଧନ କରି ଗାଲି ଗଜା ପ୍ରସ୍ତୁତ କରି ବୁଣନ୍ତୁ ।<br>➢ ଆଗାମୀ ବୃଷ୍ଟିପାତ କୁ ନଜରରେ ରଖି କୃଷକମାନଙ୍କୁ ଖରିଫ ଫସଲ ଉତ୍ପାଦନ ପାଇଁ ଜମି ପ୍ରସ୍ତୁତି /ଖରାଟିଆ ହଳ କରନ୍ତୁ ।ସବୁଜ ଖତ ହିସାବରେ ଧଣିଚା ବିହନ ୧୨kg/ଏକର ବୁଣନ୍ତୁ |
| **ଆଖୁ** | **ଅଙ୍ଗୀୟ ବୃଦ୍ଧି ଅବସ୍ଥା** | ➢ ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନା ଥିବାରୁ ଆଖୁ ଗଛର ୪ ରୁ ୫ ପତ୍ରକୁ ନେଇ ଗୋଟିଏ ସ୍ଥାନରେ ଭେଳା ବାନ୍ଧନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| **ପନିପରିବା** | **ନର୍ସରୀ /ଫୁଲ/ଫଳ ଅବସ୍ଥା** | ➢ ବୃଷ୍ଟିପାତରୁ ନଷ୍ଟ ନ ହେବା ପାଇଁ ଚାରା କିମ୍ବା ନର୍ସରୀ ଶଯ୍ୟାକୁ ସୁରକ୍ଷିତ ରଖନ୍ତୁ।<br>➢ ବର୍ଷା ଯୋଗୁଁ ଲତାଜାତୀୟ ପନିପନିରିବା ଉପରେ ପ୍ରଭାବ ପଡିବା ର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପନିରିବା କୁ ତୋଳି ଆଣନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।<br>➢ କୀଟନାଶକ ଏବଂ ସାର ପ୍ରୟୋଗ ସିଞ୍ଚନ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।<br>➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ ସୁବିଧା କରନ୍ତୁ। |

| | | |
|---|---|---|
| **ଫଳ** | | ➢ ଆଗାମୀ ଦିନରେ ବର୍ଷା ସହ ପବନର ହେବାର ସମ୍ଭାବନା ଥିବାରୁ ଅମଳ ଯୋଗ୍ୟ ଫଳକୁ ତୋଳି ଆଣନ୍ତୁ। <br> ➢ ଅମୃତଭଣ୍ଡାର ଫଳ ବିକାଶ ପର୍ଯ୍ୟାୟରେ ଗଛକୁ ପବନ ଏବଂ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ ଏବଂ ଅନ୍ୟାନ୍ୟ ପ୍ରକାରର କାଠି ସାହାଯ୍ୟରେ ରଞ୍ଜା ଦିଅନ୍ତୁ। |
| **ପଶୁପାଳନ** | | ➢ ନିୟମିତ ଭାବରେ ଲୁଣ ସହିତ ପଶୁମାନଙ୍କୁ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ଗହମ ଶସ୍ୟ, କଦଳୀ ଇତ୍ୟାଦି ପଶୁମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଦିନ ରାସନରେ @ 10% -20% ଯୋଗାନ୍ତୁ। <br> ➢ ବଜ୍ରପାତ ସମୟରେ ଗାଈ/ଛେଳିମାନଙ୍କୁ ଘର ଭିତରେ ରଖନ୍ତୁ। <br> ➢ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ** ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital